# REGIONAL NEWS UNIT, AIR CUTTACK
## Morning Bulletin (7.05 AM)
**28 July – 2024**

---

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ପୂର୍ବାହ୍ନ ୧୧ଟାରେ ଆକାଶବାଣୀର ମନ୍ କି ବାତ୍ କାର୍ଯ୍ୟକ୍ରମରେ ଲୋକମାନଙ୍କ ସହ ଭାବ ବିନିମୟ କରିବେ । ପ୍ରଧାନମନ୍ତ୍ରୀଙ୍କର ଏହା ହେବ 'ମନ୍ କି ବାତ୍'ର ୧୧୨ତମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟ୍‌ୱର୍କ, ଆକାଶବାଣୀ ସମ୍ବାଦ ୱେବ୍‌ସାଇଟ୍ ଓ ନ୍ୟୁଜ୍ ଅନ୍ ଏୟାର୍ ମୋବାଇଲ୍ ଆପ୍‌ରେ ଉପଲବ୍ଧ ହେବ । ଆକାଶବାଣୀ ସମ୍ବାଦ, ଡି.ଡି. ନ୍ୟୁଜ୍, ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ଏହାର ସିଧା ପ୍ରସାରଣ କରାଯିବ। ମନ୍ କି ବାତ୍‌ର ହିନ୍ଦୀରେ ପ୍ରସାରଣ ପରେ ଏହାର ପ୍ରସାରଣ ଓଡିଆ ଭାଷାରେ କରାଯିବ ।

## କେନ୍ଦ୍ରମନ୍ତ୍ରୀ - ଦୁବେ

କେନ୍ଦ୍ର କୋଇଲା ଓ ଖଣି ରାଷ୍ଟ୍ରମନ୍ତ୍ରୀ ସତୀଶ ଚନ୍ଦ୍ର ଦୁବେ ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସିଛନ୍ତି। ଆଜି ସକାଳୁ ସେ ମା' ସମଲେଇଙ୍କ ଦର୍ଶନ ସାରି ହୀରାକୁଦ ବନ୍ଧ ପରିଦର୍ଶନରେ ଯିବେ । ଏହା ପରେ ସେ ଏକ ସାମ୍ବାଦିକ

ସମ୍ମିଳନୀକୁ ଉଦ୍‌ବୋଧନ କରିବେ। ଆଜି ତାଙ୍କର ଝାରସୁଗୁଡା ଜିଲ୍ଲା ଲଖନପୁର ଏମସିଏଲ୍ ଖଣି କ୍ଷେତ୍ର ଗସ୍ତ କରିବାର କାର୍ଯ୍ୟକ୍ରମ ମଧ୍ୟ ରହିଛି । ଗତକାଲି ଶ୍ରୀ ଦୁବେ ଅନୁଗୁଳସ୍ଥିତ ନାଲ୍‌କୋ ପ୍ଲାଣ୍ଟ୍ ପରିଦର୍ଶନ କରିଥିଲେ। ପୂର୍ବରୁ ଭୁବନେଶ୍ୱରସ୍ଥିତ ନାଲ୍‌କୋ କର୍ପୋରେଟ୍ ଅଫିସ୍‌ରେ ଏକ ସମୀକ୍ଷା ବୈଠକରେ ଯୋଗଦେଇଥିଲେ

## ରାଜ୍ୟପାଳ-ନିଯୁକ୍ତି ମେଳା

ଯୁବଗୋଷ୍ଠୀଙ୍କ ନିଯୁକ୍ତି ସୁଯୋଗ ଦେବା ପାଇଁ ନିଯୁକ୍ତି ମେଳା ସୃଷ୍ଟି ସହିତ ଓଡିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟ ଭାବେ ଗଢି ତୋଳିବା ସକାଶେ ରାଜ୍ୟପାଳ ରଘୁବର ଦାଶ ଆହ୍ୱାନ ଦେଇଛନ୍ତି । ଭୁବନେଶ୍ୱର ଠାରେ ଇଣ୍ଡିଆନ ଚାମ୍ବର୍ସ୍ ଅଫ କମର୍ସର ଦୁଇଦିନିଆ ନିଯୁକ୍ତିମେଳାକୁ ଉଦ୍‌ଘାଟନ କରି ରାଜ୍ୟପାଳ କହିଛନ୍ତି, ଯୁବ ପିଢିଙ୍କୁ ସଶକ୍ତ କରିପାରିଲେ ରାଷ୍ଟ୍ରର ବିକାଶ ହୋଇପାରିବ ଏବଂ ଏଥିରେ ନିଯୁକ୍ତିଦାତାଙ୍କର ପ୍ରମୁଖ ଭୂମିକା ରହିଛି । ୨୦୩୬ମସିହା ସୁଦ୍ଧା ଓଡିଶାକୁ ଏକ ସମୃଦ୍ଧ ଏବଂ ବିକଶିତ ରାଜ୍ୟରେ ପରିଣତ କରିବା ପାଇଁ ରାଜ୍ୟପାଳ ରାଜ୍ୟବାସୀଙ୍କର ସହଯୋଗ କାମନା କରିଛନ୍ତି ।

## ବିଏଡ୍ ପ୍ରବେଶିକା ପରୀକ୍ଷା

ସ୍ନାତକ ଶିକ୍ଷା-ବି.ଏଡ୍. ଏବଂ ବିଏଚଏଡ୍ ପାଠ୍ୟକ୍ରମରେ ନାମଲେଖା ପାଇଁ ଆଜି ପ୍ରବେଶିକା ପରୀକ୍ଷା ହେଉଛି । ଗତକାଲି ସ୍ନାତକୋତ୍ତର ଶିକ୍ଷା

ପାଠ୍ୟକ୍ରମ ଏମ୍‌ଏଡ୍‌ ପାଇଁ ପ୍ରବେଶିକା ପରୀକ୍ଷା ହୋଇଥିଲା । ରାଜ୍ୟର ୩୧ଟି ଶିକ୍ଷାନୁଷ୍ଠାନର ୨ହଜାର ୭୫୦ ସିଟ୍‌ରେ ଏହି ତିନୋଟି ପାଠ୍ୟକ୍ରମରେ ନାମଲେଖା ପାଇଁ ୯୫ ହଜାର ୧୧୬ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିବା ନେଇ ସାମ୍‌ସ ଓଡ଼ିଶା ପକ୍ଷରୁ କୁହାଯାଇଛି ।

ଅନ୍ୟ ପକ୍ଷରେ ଗତକାଲି ଯୁକ୍ତ ଦୁଇ ପ୍ରଥମ ପର୍ଯ୍ୟାୟ ନାମ ଲେଖା ଶେଷ ହୋଇଛି । ଏହି ପର୍ଯ୍ୟାୟରେ ୩ଲକ୍ଷ ୫୫ହଜାରରୁ ଅଧିକ ଛାତ୍ରଛାତ୍ରୀ ନାମ ଲେଖାଇଛନ୍ତି । ଯୁକ୍ତ ଦୁଇ ପାଠ୍ୟକ୍ରମରେ ନାମଲେଖା ପାଇଁ ଆବେଦନ କରିଥିବା ଛାତ୍ରଛାତ୍ରୀଙ୍କ ମଧ୍ୟରୁ ୮୨ପ୍ରତିଶତ ଛାତ୍ରଛାତ୍ରୀ ନାମ ଲେଖାଇଥିବା ଜଣାପଡିଛି । ଆସନ୍ତା ଅଗଷ୍ଟ ମାସ ୫ତାରିଖରେ ବାକି ଥିବା ୧ଲକ୍ଷ ୯୩ହଜାର ସିଟ୍‌ରେ ନାମ ଲେଖା ପାଇଁ ଦ୍ୱିତୀୟ ପର୍ଯ୍ୟାୟ ମେଧାତାଲିକା ପ୍ରକାଶ ପାଇବ ।

## ହେପାଟାଇଟସ୍ ଦିବସ

ଯକୃତ ବା ଲିଭର୍ ରୋଗ ବିଷୟରେ ଲୋକମାନଙ୍କ ଭିତରେ ସଚେତନ ସୃଷ୍ଟି କରିବା ଲାଗି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଆଜି ବିଶ୍ୱ ହେପାଟାଇଟ୍‌ସ ଦିବସ ପାଳନ କରାଯାଉଛି । ୨୦୧୦ ମସିହାରୁ ଏହି ଦିବସ ପାଳନ ହୋଇଆସୁଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଆକଳନ ଅନୁସାରେ ପୃଥିବୀରେ ପ୍ରତି ୩୦ ସେକେଣ୍ଡ୍‌ରେ ଜଣେ ହେପାଟାଇଟସ୍ ଆକ୍ରାନ୍ତ ରୋଗୀଙ୍କ ମୃତ୍ୟୁ ହୋଇଥାଏ। ଭାରତରେ ପ୍ରତ୍ୟେକ ବର୍ଷ ଯକୃତ ରୋଗରେ ୧୪ ଲକ୍ଷରୁ

ଅଧିକ ଲୋକଙ୍କର ପ୍ରାଣହାନୀ ଘଟୁଛି । ଚଳିତବର୍ଷ ହେପାଟାଇଟ୍ସ ଦିବସର ବାର୍ତ୍ତା ହେଉଛି " ଏବେ କାର୍ଯ୍ୟ କରିବାର ସମୟ ଆସିଛି" । ଜଣେ ନବଜାତ ଶିଶୁକୁ ଜନ୍ମ ପରବର୍ତ୍ତୀ ୨୪ ଘଣ୍ଟା ମଧ୍ୟରେ ହେପାଟାଇଟ୍ସ ପ୍ରତିଷେଧକ ଟିକା ଦିଆଯିବା ନିତାନ୍ତ ଜରୁରୀ । ଏହି ଟିକା ସବୁ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଉପଲବ୍ଧ ହୋଇପାରୁଛି ।

ସେହିପରି ଆଜି ବିଶ୍ୱ ପ୍ରକୃତି ସଂରକ୍ଷଣ ଦିବସ । ପ୍ରାକୃତିକ ପରିବେଶର ସୁରକ୍ଷା ସହିତ ପ୍ରାଣୀମାନଙ୍କର ସଂରକ୍ଷଣ ଲାଗି ଆଜି ଏହି ଦିବସ ପାଳନ କରାଯାଉଛି । ଭବିଷ୍ୟତ ପିଢିଙ୍କ ପାଇଁ ପରିବେଶ ସଂରକ୍ଷଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସୁସ୍ଥ ପୃଥିବୀ ଗଠନ ଦିଗରେ ସମସ୍ତଙ୍କର ଗୁରୁଦାୟିତ୍ୱର ସଚେତନତା ବାର୍ତ୍ତା ନେଇ ପ୍ରକୃତି ସଂରକ୍ଷଣ ଦିବସ ପାଳନ କରାଯାଉଛି ।

## ରଥକପଡା ଖୋଲା

ପୁରୀ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦଣ୍ଡାୟମାନ ତିନି ରଥରୁ ରଥକନା ଖୋଲାଯିବା ପରେ ଗତକାଲି କୋଠସୁଆଁସିଆ ସେବକମାନେ ତିନିରଥର ପିତଳ କଳସ ଖୋଲିଛନ୍ତି । ତାଳଧ୍ୱଜ, ଦର୍ପଦଳନ ଓ ନନ୍ଦିଘୋଷ ରଥର ମଣ୍ଡଣୀ ଖୋଲାଯାଇଛି । ଶ୍ରୀମନ୍ଦିର ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ମା' ସୁଭଦ୍ରାଙ୍କ ଦର୍ପଦଳନ ରଥରୁ ରଥ ଖୋଲା କାର୍ଯ୍ୟ ଆରମ୍ଭ ହେବ ବୋଲି ଜଣାପଡିଛି ।

**Sambalpur/R**

# ହୀରାକୁଦ

ହୀରାକୁଦ ଜଳଭଣ୍ଡାରରୁ ଆଜି ପୂର୍ବାହ୍ନ ୯ଟାରେ ପୂଜାର୍ଚ୍ଚନା ପରେ ବାମପାର୍ଶ୍ୱ ସ୍ପିଲ-ଓ୍ୱେ ର ୭ନମ୍ବର ଗେଟ୍ ଦେଇ ଚଳିତବର୍ଷର
ପ୍ରଥମ ବନ୍ୟାଜଳ ମହାନଦୀକୁ ନିଷ୍କାସିନ କରାଯିବ । ହୀରାକୁଦ ନଦୀବନ୍ଧ ସର୍ବୋଚ୍ଚ ଯନ୍ତ୍ରୀଙ୍କର ସୂଚନା ଅନୁସାରେ ଆଜି ପର୍ଯ୍ୟାୟକ୍ରମେ ୫ଟି ଗେଟ୍ ଖୋଲାଯାଇ ବନ୍ୟାଜଳ ମହାନଦୀକୁ ଛଡାଯିବ ।
ବନ୍ୟାଜଳ ପ୍ରବାହିତ ଯୋଗୁଁ ମହାନଦୀ ଏବଂ ତା'ର ଶାଖାନଦୀଗୁଡ଼ିକରେ ଜଳସ୍ତର ବୃଦ୍ଧି ପାଇବ । ସେଥିପାଇଁ ସତର୍କତା ମୂଳକ ପଦକ୍ଷେପ ନେବାପାଇଁ ଜଳଭଣ୍ଡାରର ତଳମୁଣ୍ଡରେ ଥିବା ୧୩ଟି ଜିଲ୍ଲାର ଜିଲ୍ଲାପାଳ ଓ ଏସ୍.ପି.ଙ୍କୁ ସତର୍କ ରହିବାପାଇଁ କୁହାଯାଇଛି । ଆଜି ସକାଳ ସୁଦ୍ଧା ହୀରାକୁଦ ଜଳଭଣ୍ଡାରକୁ ୩ଲକ୍ଷ ୧୬ହଜାର ୬୧୧କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାଓ୍ୱାରଚ୍ୟାନେଲ ଏବଂ କେନାଲ ଦେଇ ୪୦ହଜାର ୧୨୬ କ୍ୟୁସେକ ପାଣି ନିଷ୍କାସିତ ହେଉଛି । ଜଳଭଣ୍ଡାରର ଜଳସ୍ତର ଆଜି ସକାଳ ସୁଦ୍ଧା ୬୧୬ଦଶମିକ ୯/୩ ଫୁଟ ଥିବା ଜଣାପଡିଛି ।

# ପାଣିପାଗ

ଉତ୍ତର ବଙ୍ଗୋପସାଗର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ସୃଷ୍ଟ ହୋଇଥିବା ଲଘୁଚାପର ପ୍ରଭାବରେ ରାଜ୍ୟରେ ବର୍ଷା ଲାଗିରହିଛି ।
ପାଣିପାଗ ବିଭାଗର ସୂଚନ ଅନୁସାରେ ରାଜ୍ୟର ଆଭ୍ୟନ୍ତରୀଣ ଏବଂ ଉପକୂଳ ଜିଲ୍ଲାଗୁଡିକରେ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି । ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ନୂଆପଡ଼ା ଓ ନବରଙ୍ଗପୁର ଜିଲ୍ଲାରେ ପ୍ରବଳ ବର୍ଷା ହୋଇପାରେ । ଆସନ୍ତା ୩୧ତାରିଖ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ଅନୁମାନ କରିଛି ।
ଅନ୍ୟପକ୍ଷରେ ବର୍ଷା ଯୋଗୁଁ ସମ୍ଭାବ୍ୟ ବନ୍ୟାକୁ ଦୃଷ୍ଟିରେ ରଖି ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରୁ ୧୪ଟି ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ଘଣ୍ଟା ମଧ୍ୟରେ କୋରାପୁଟ ଜିଲାରେ ନନ୍ଦପୁରରେ ୧୪୦ମିଲିମିଟର ଏବଂ ଜୟପୁରରେ ୧୩୦ମିଲିମିଟର ବର୍ଷା ହୋଇଥିବା ପାଣିପାଗ ବିଭାଗ କହିଛି ।